**କାବୁଲରେ ଥିବା ଭାରତର ଟେକ୍ନିକାଲ ମିଶନକୁ ଭାରତୀୟ ଦୂତାବାସ ଭାବରେ ମାନ୍ୟତା ପ୍ରଦାନ**

ଅକ୍ଟୋବର 21, 2025

ଆଫଗାନ ବିଦେଶ ମନ୍ତ୍ରୀଙ୍କ ସାମ୍ପ୍ରତିକ ଭାରତ ଗସ୍ତ ସମୟରେ ଘୋଷଣା କରାଯାଇଥିବା ନିଷ୍ପତ୍ତି ଅନୁଯାୟୀ, ସରକାର ତୁରନ୍ତ ପ୍ରଭାବରେ କାବୁଲରେ ଥିବା ଭାରତର ଟେକ୍ନିକାଲ ମିଶନକୁ ଆଫଗାନିସ୍ତାନର ଭାରତୀୟ ଦୂତାବାସ ଭାବରେ ମାନ୍ୟତା ପ୍ରଦାନ କରିଛନ୍ତି। ଏହି ନିଷ୍ପତ୍ତି ପାରସ୍ପରିକ ହିତର ସମସ୍ତ କ୍ଷେତ୍ରରେ ଆଫଗାନ ପକ୍ଷ ସହିତ ଦ୍ୱିପାକ୍ଷିକ ଆଲୋଚନାକୁ ଗଭୀର କରିବା ପାଇଁ ଭାରତର ସଂକଳ୍ପକୁ ଦର୍ଶାଉଛି। କାବୁଲରେ ଥିବା ଭାରତୀୟ ଦୂତାବାସ ଆଫଗାନ ସମାଜର ପ୍ରାଥମିକତା ଏବଂ ଆକାଂକ୍ଷା ଅନୁଯାୟୀ, ଆଫଗାନିସ୍ତାନର ବ୍ୟାପକ ବିକାଶ, ମାନବୀୟ ସହାୟତା ଏବଂ ଦକ୍ଷତା-ବୃଦ୍ଧି ପଦକ୍ଷେପରେ ଭାରତର ଯୋଗଦାନକୁ ଅଧିକ ବୃଦ୍ଧି କରିବ।

ନୂଆଦିଲ୍ଲୀ

ଅକ୍ଟୋବର 21, 2025